# ଅଚ୍ୟୁତାନନ୍ଦ କଲେଜରେ ସମ୍ବିଧାନ ଦିବସ

**ନେମାଳ,୨୬।୧୨/ଏନ୍‌ଏନ୍‌ଏସ୍:** ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟରେ ୭୦ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ଅକ୍ଷୟ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜାତୀୟ ସେବା ଶିବିର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଅଭିମନ୍ୟୁ ସେଠୀ, ଅଧ୍ୟାପକ ସୁଧାଂଶୁ ଶେଖର ସ୍ୱାଇଁ ଓ ଅଧ୍ୟାପିକା ଦିପ୍ତୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ନିରଞ୍ଜନ ଶତପଥୀ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ଲେଙ୍କା, ପ୍ରାଧ୍ୟାପକ ରୋଭରସ୍ ଲିଡର୍ ବିପିନ ବିହାରୀ ଦାସ, ପ୍ରାଧ୍ୟାପକ ଶଙ୍କର ପ୍ରସାଦ ନାୟକ, ଅଧ୍ୟାପକ ବିବେକାନନ୍ଦ ଜେନା, ଅଧ୍ୟାପକ ନନ୍ଦନନ୍ଦନ ବସନ୍ତିଆ, ଅଧ୍ୟାପିକା ରଞ୍ଜୁଲତା ସାହୁ, ଅଧ୍ୟାପିକା କଳ୍ପନା ନାୟକ, ଅଧ୍ୟାପିକା ମଧୁସ୍ମିତା ସାହୁ, ଅଧ୍ୟାପିକା ଶୁଭଲକ୍ଷ୍ମୀ ନାୟକ, ଅଧ୍ୟାପିକା ବିଜୟଲକ୍ଷ୍ମୀ ସାମଲ,ଅଧ୍ୟାପିକା ଭାଗ୍ୟଶ୍ରୀ ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ବିନୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅକ୍ଷୟଙ୍କୁ ଆନ୍ତର୍ଜାତିକ ଜଗନ୍ନାଥ ମହୋତ୍ସବ ପରିଚାଳନା ଦାୟିତ୍ୱ

**କୁଆଁପାଳ,୨୬।୧୨/ଏନ୍‌ଏନ୍‌ଏସ୍:** ଜଗନ୍ନାଥ ସଂସ୍କୃତିକୁ କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆସନ୍ତା ୮ରୁ ୧୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଆର୍ନ୍ତଜାତିକ ଜଗନ୍ନାଥ ମହୋତ୍ସବର ପରିଚାଳନା ଦାୟିତ୍ୱ ମାହାଙ୍ଗା ଅଞ୍ଚଳର ଅକ୍ଷୟ କୁମାର ବହନ କରିଛନ୍ତି। ଯାହାକି ଅଞ୍ଚଳବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ଉତ୍ସବ ମାର୍କେଣ୍ଡେୟ ଭବନ ଛତ୍ରପୁର, ଦିଲ୍ଲୀରେ ଅନୁଷ୍ଠିତ ହେବ। ଉତ୍ସବରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସହ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# କୋଣାର୍କରେ ବିଶାଳ ଗଣଦୌଡ଼

**କୋଣାର୍କ,୨୬।୧୨/ଏନ୍‌ଏନ୍‌ଏସ୍:** କୋଣାର୍କ ଉତ୍ସବ ପ୍ରାରମ୍ଭରେ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କରେ ଏକ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ସହାୟତାରେ ବସନ୍ତ ମଞ୍ଜରୀ ପାଠାଗାର ଓ ଏଲ୍‌ଜିର ମିଳିତ ସହଯୋଗରେ ଆୟୋଜିତ ଗଣଦୌଡ଼କୁ ଅନ୍ତରଙ୍ଗ କ୍ଲବ୍ ଅଧ୍ୟକ୍ଷ ସ୍ୱାଧୀନ ନାୟକ ଉଦ୍‌ଘାଟନ କରିଥିଲେ। ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବସନ୍ତ ମଞ୍ଜରୀ ପାଠାଗାରର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଭାରପ୍ରାପ୍ତ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ, ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ସୋଲାର ସଂପାଦକ ହରିଶଚନ୍ଦ୍ର ଦାଶ, ସମାଜସେବୀ ନିରଞ୍ଜନ ସାହୁ, ଏଲ୍‌ଜିର ମାର୍କେଟିଂ ମ୍ୟାନେଜର ଦେବାଶିଷ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଜୟଶଙ୍କର ଯୋଶୀ, ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍ ଶ୍ରୀନିବାସ, ରାଜକିଶୋର ମହାପାତ୍ର, ପୁରୀ ଜିଲ୍ଲା ମତ୍ସ୍ୟ ସଂଗଠନର ସଭାପତି ମଧୁସୂଦନ ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ନିରଞ୍ଜନ ତ୍ରିପାଠୀ, ଦିଲ୍ଲୀପ ଜେନା, ଶୁଭାଂଶୁ ସେଠୀ, ଧୀରେନ୍ଦ୍ର ପ୍ରଧାନ, ସୁନୀଲ ନାୟକ ପ୍ରମୁଖ ପରିଚାଳନା କରିଥିଲେ।